## ସ୍ତ୍ରୀଙ୍କ ଉପରେ ଗରମ ପାଣି ଢାଳି ସ୍ୱାମୀ ଗିରଫ

ସୋର,(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସହସରପୁର ଗ୍ରାମର ଦିବାକର ପ୍ରଧାନ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଉପରେ ଗରମ ପାଣି ଢାଳି ଦେବାରୁ ସେ ଗୁରୁତର ହୋଇପଡ଼ିଛନ୍ତି। ପୋଲିସ ଦିବାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୋମବାର ସକାଳେ କୌଣସି କାରଣରୁ ଦିବାକର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଦିବାକର ଉତ୍ତେଜିତ ହୋଇ ଗରମ ପାଣି ତାଙ୍କ ସ୍ତ୍ରୀଙ୍କ ଉପରେ ଢାଳି ଦେଇଥିଲେ। ପରିବାର ଲୋକେ ଉକ୍ତ ମହିଳାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଅଭିଯୋଗ ପାଇ ପୋଲିସ ମାମଲା(ନଂ.୨୨୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ସଂକ୍ଷେପରେ

### ସହାୟତା ନ ପାଇ ଘେରିଲେ

ବାଲିଆପାଳ, ୭।୬(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବେତଗଡ଼ିଆ ପଞ୍ଚାୟତରେ 'ୟାସ୍' ପ୍ରଭାବରେ କ୍ଷତଗ୍ରସ୍ତ ବିଭିନ୍ନ ଗ୍ରାମର ବାସିନ୍ଦା ସୋମବାର ଏକାଠି ହୋଇ ବ୍ଲକ ଅଫିସକୁ ଘେରାଉ କରିଥିଲେ। ରିଲିଫ୍ ଏବଂ କ୍ଷୟକ୍ଷତି ସହାୟତା ନ ମିଳିଲେ ଆଗାମୀ ଦିନରେ ବ୍ଲକ ସମ୍ମୁଖରେ ଅନଶନରେ ବସିବାକୁ ଚେତାବନୀ ଦେଇଥିଲେ। ଏନେଇ ବାଲିଆପାଳ ବିଡିଓ ଲଳିତ ଶରେଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବେତଗଡ଼ିଆ ପଞ୍ଚାୟତର ବେତଗଡ଼ିଆ, କାଶିପୁର, ଡାଙ୍ଗପିଟା, ନାରାୟଣପୁର ଗ୍ରାମର ହରିଜନସାହି ୫ନମ୍ବର ୱାର୍ଡ଼, ଆଦିବାସୀ ସାହି ୬ନମ୍ବର ୱାର୍ଡ଼, କଳିଆଖିଆର ୭ନମ୍ବର ୱାର୍ଡ଼, ଚଉଳିଆର ୫ନମ୍ବର ୱାର୍ଡ଼ରେ ବ୍ୟାପକ କ୍ଷୟକ୍ଷତି ହେବା ସହିତ ଚଉଳିଆ ୫ନମ୍ବର ୱାର୍ଡ଼ରେ ସାମୁଦ୍ରିକ ଲୁଣି ଜୁଆର ମାଡ଼ି ବ୍ୟାପକ କ୍ଷତି ହୋଇଛି। ହେଲେ ବାତ୍ୟାର ୧୨ଦିନ ବିତିଯାଇଥିଲେ ମଧ ଲୋକମାନଙ୍କ ପାଖରେ ରିଲିଫ୍ କିମ୍ବା ପ୍ରଶାସନ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ଘେରାଉରେ ଭଗବାନ ଜେନା, ଉମାକାନ୍ତ ବାରିକ, ଯତୀନ୍ଦ୍ର ଗିରି, ପୁରୁଷୋତ୍ତମ ବିଶ୍ୱାଳ, ସୁଶାନ୍ତ କୁମାର ତରାଇ, ନିମାଇଁ ଚରଣ ଦାସ, ଗୀତା ମହୁରୀ, କନକ ମହୁରୀ, ଜୁଲି ଦଳାଇ, ଅଜୟ କୁମାର ଜେନା, ବସନ୍ତ ପାତ୍ର ପ୍ରମୁଖ ସାମିଲ ଥିଲେ।

### ପ୍ରତୀକାତ୍ମକ ଭାବେ ସରିଲା ଜଉକଣ୍ଢେଇ ବାହାଘର

ବାଲେଶ୍ୱର ଅଫିସ, ୭।୬-ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ପ୍ରତିବର୍ଷ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ବିଧି ରକ୍ଷା କରାଯାଇ ୫ ଘଣ୍ଟାରେ ନିରାଡ଼ମ୍ବର ଭାବେ ବାହାଘର କରାଯାଇଛି। ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ଭ ନଗରର ଦୁବଲାଗଡ଼ିରେ ସୋମବାର ପ୍ରତୀକାତ୍ମକ ଭାବରେ 'ସମଲେଇ ଓ ଶମ୍ଭୁନାଥ ଜଉକଣ୍ଢେଇ ବିବାହ' କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପରମ୍ପରା ବଞ୍ଚାଇ ରଖିବା ପାଇଁ ଦୁଇ ଜଉକଣ୍ଢେଇ ଶିଳ୍ପୀ ପରିବାର ଆଗେଇ ଆସିଥିଲେ। ବର କର୍ତ୍ତାକର୍ତ୍ତି ଭାବରେ ମଦନ ମୋହନ ସାହୁ ଓ ସୁକାନ୍ତି ସାହୁ ଏବଂ କନିଆ କର୍ତ୍ତାକର୍ତ୍ତି ଭାବରେ ଭବେନ୍ଦ୍ରନାଥ ଦେ ଓ କବିତା ଦେ ବିବାହ କାର୍ଯ୍ୟକୁ ସମ୍ପାଦନ କରିଛନ୍ତି। ବରକନ୍ୟା ଉଭୟପକ୍ଷ ଯୌତୁକ ପ୍ରଦାନ ପୂର୍ବକ କନିଆକର୍ତ୍ତା ପକ୍ଷରୁ 'ୟାସ୍' ବାତ୍ୟା ଜନିତ ସବୁଜିମାର କ୍ଷୟକ୍ଷତିର ଭରଣା ପାଇଁ ଚାରାଗଛ ପ୍ରଦାନ କରିଥିଲେ। ବର ପକ୍ଷରୁ କୋଭିଡ୍-୧୯ ପାଇଁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଏଥିରେ କମିଟି ସମ୍ପାଦକ ଡ. କୁମାର ଗୋପାଳ, ରାଜେଶ ଗିରି, ଜୟଶ୍ରୀ ସାହୁ, ପ୍ରଶାନ୍ତ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା ସହିତ ପର୍ଶୁରାମ ବେହେରା, ଅଜୟ ମଇକାପ୍, ଅମୂଲ୍ୟ ସାହୁ, କମଳ ଦାସ, ଜୟକୃଷ୍ଣ ସାହୁ, ଜିତେନ୍ଦ୍ର ନାୟକ, ପ୍ରୀତମ ନାୟକ, ଜଉକଣ୍ଢେଇ ଶିଳ୍ପୀଗୁରୁ କନକଲତା ଦାସ ଉପସ୍ଥିତ ହୋଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ। କାର୍ଯ୍ୟକ୍ରମକୁ ଆବାହକ ଶିଳ୍ପୀ କେଶୁଦାସ ସୂତାରୁ ରୂପେ ତୁଳାଇଥିଲେ।

### ବିଦ୍ୟୁତ୍ ଅଫିସ୍‌ରେ ତାଲା ପକାଇଲେ ଲୋକେ

ଲଙ୍ଗଳେଶ୍ୱର, ୭।୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ ସାଙ୍ଗକୁ ଅସହ୍ୟ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅତିଷ୍ଠ କରିପକାଇଛି। ଗତ ଦୁଇଦିନ ଧରି ଲଙ୍ଗଳେଶ୍ୱର ସେକ୍ସନର ଥିବା ୩ଟି ଫିଡ଼ରର ଶତାଧିକ ଗାଁ ସମ୍ପୂର୍ଣ୍ଣ ଅନ୍ଧାର। ସୋମବାର ଶହ ଶହ ଲୋକ ଜେଇଙ୍କୁ ଖୋଜି ନ ପାଇବାରୁ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ସିଂଲା ଥାନା ଅଧିକାରୀ ପ୍ରଶାନ୍ତ ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପରେ ଜେଇ ପ୍ରଭାତ ସାହୁ ପହଞ୍ଚି ବିଦ୍ୟୁତ୍ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇଥିଲା।

### ରେଳଲାଇନ୍ କଡ ଗଛରୁ ମୃତଦେହ ଜବତ

ଜଳେଶ୍ୱର, ୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ କୁବାଡ଼ି ମୌଜାର ଦକ୍ଷିଣ-ପୂର୍ବ ରେଳ ଲାଇନ୍ କଡ଼ରେ ଥିବା ଏକ ବଡ଼ ଗଛରେ ସୋମବାର ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଜଳେଶ୍ୱର ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକ ଜଣକ ଛିଣ୍ଡା ପୋଷାକ ପିନ୍ଧିଥିବାରୁ ସେ ପାଗଳ ହୋଇପାରେ ବୋଲି ଅନୁମାନ କରାଯାଉଛି ବୋଲି ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି।

# କ୍ଷତି ସହୁଛନ୍ତି ତରଭୁଜ ଚାଷୀ

ଯୋଡ଼ା/ଚମ୍ପୁଆ, ୭।୬(ଡ.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତ ଅଧୀନରେ ଥିବା ମହେଶ୍ୱରପୁର ଗ୍ରାମର ଟୁଙ୍ଗୁଲେଇ ସାହିରେ ତରଭୁଜ ଚାଷ କରି ଚାଷୀମାନେ କ୍ଷତି ସହିଛନ୍ତି। ଏପରିକି ଚାଷ ପାଇଁ ଖର୍ଚ୍ଚ କରିଥିବା ଅର୍ଥ ମଧ୍ୟ ମିଳିବ କି ନାହିଁ ସେଥିରେ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ଚଳିତ ବର୍ଷ ମହେଶ୍ୱରପୁର ଟୁଙ୍ଗୁଲେଇ ସାହିର ଚାଷୀ ପ୍ରକାଶ ଲାଗୁରୀ ପ୍ରାୟ ୫ ଏକର ଜମିରେ ତରଭୁଜ ଚାଷ କରିଥିଲେ। ସ୍ଥାନୀୟ ବଜାରର ଚାହିଦାକୁ ଲକ୍ଷ୍ୟ କରି ତଥା ଲକ୍ଷାଧିକ ଟଙ୍କା ରୋଜଗାର କରିବା ଆଶାରେ ଏହି ଚାଷ କରା ଯାଇଥିଲେ ମଧ୍ୟ 'ୟାସ' ବାତ୍ୟାର ପରବର୍ତ୍ତୀ ସମୟରେ ଲଗାଣ ବର୍ଷା ଦ୍ୱାରା ଉକ୍ତ ଜମି ଗୁଡିକରେ ବର୍ଷାଜଳ ଜୋମି ହୋଇ ରହିବାରୁ ଚାଷ କରା ଯାଇଥିବା ତରଭୁଜ



ବିଲରେ ପଚିଯାଉଥିବା ତରଭୁଜକୁ ଜଣେ ଚାଷୀ ଦେଖାଉଛନ୍ତି।

ପ୍ରାୟ ୮୦ ଭାଗ ନଷ୍ଟ ହୋଇଯାଇଥିବା ଚାଷି ସୂଚନା ଦେଇଛନ୍ତି। ଯେଉଁ ତରଭୁଜ ଗୁଡିକ ପାକଳ ହୋଇ ବିକ୍ରି ଯୋଗ୍ୟ ହୋଇଥିଲା ସେ ଗୁଡିକୁ ଜେନେତେନ ପ୍ରକାରର ସଂଗ୍ରହ କରାଯାଇଥିଲେ ମଧ୍ୟ ଜୁନ ମାସରେ ଅମଳକ୍ଷମ ତରଭୁଜ ଗୁଡିକ ପାଣି ବାଜି ନଷ୍ଟ ହୋଇଯାଇଛି। ଅଧିକାଂଶ ତରଭୁଜ ବିଲରେ ପଚିଯାଉଥିବା ବେଳେ ପାଣି ଛାଡିବା ପରେ ଅଧା ପାଚିଲା ତରଭୁଜକୁ ଚାଷି ସଂଗ୍ରହ କରୁଥିଲେ ମଧ୍ୟ ତାହା ଦିନେ ଦୁଇ ଦିନ ମଧ୍ୟରେ ପଚି ନଷ୍ଟ ହେଇଯାଉଛି। ଗୋଟିଏ ପଟେ ଲକ୍‌ଡାଉନ ଯୋଗୁ ଚାଷୀକୁ ତାର ଉତ୍ପାଦନ ବିକ୍ରି କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗତ ବର୍ଷ ଯେଉଁ ତରଭୁଜ ୧୦ରୁ ୧୨ ଟଙ୍କା କିଲୋ ପ୍ରତି ବେପାରୀଙ୍କୁ ବିକ୍ରି କରାଯାଉଥିଲା ହେଲେ ଚଳିତ ବର୍ଷ ତରଭୁଜର ମୂଲ୍ୟ ୫ ରୁ ୬ ଟଙ୍କା ରହିଥିବା ଜଣାଯାଇଛି। ତଥାପି ବେପାରୀଙ୍କ ଦେଖା ନାହିଁ। କରୋନା ମାହାମରୀ ପାଇଁ ବଜାର ହାଟ ସବୁ ବନ୍ଦ ରହିଥିବା ବେଳେ ବେପାରୀମାନେ ଉକ୍ତ ତରଭୁଜକୁ କିଣିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଇଛି। ଏ ନେଇ ଆଦିବାସୀ ଉନ୍ନୟନ ପ୍ରକଳ୍ପ ମ୍ୟାନେଜର ସେବାସ୍ମୃତି ଦାସଙ୍କୁ ପଚାରିବାରୁ ଏସମ୍ପର୍କରେ ଆମେ ଅବଗତ ଅଛୁ। ଏହାର ଆକଳନ ଉଦ୍ୟାନ ବିଭାଗ କରିବ। ଆମପକ୍ଷରୁ ଉକ୍ତଚାଷୀଙ୍କୁ ଆସନ୍ତା ବର୍ଷ ପାଇଁ ବିହନ ଓ ସାର ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି।

# ଗାଁରେ ବୁଲିଲା ସଚେତନତା ରଥ

ବାରିପଦା ଅଫିସ,୭।୬

ୟୁନିସେଫ୍ ପକ୍ଷରୁ ମୟୂରଭଞ୍ଜ ଜିଲାରେ କରୋନା ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜିଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମହାମାରୀ କରୋନାର ଦ୍ୱିତୀୟ ଲହର ଚାଲିଥିବା ବେଳେ ତୃତୀୟ ଲହର ଆଶଙ୍କାକୁ ନେଇ ଜନସାଧାରଣଙ୍କୁ ବ୍ୟାପକ ସଚେତନତା କରାଯିବ । ଏହି ରଥ ଜିଲା ସମସ୍ତ ବ୍ଲକ ଅଞ୍ଚଳକୁ ଯାଇ ଲୋକମାନଙ୍କୁ ନିୟମିତ ୪୦ସେକେଣ୍ଡ ସାବୁନରେ ହାତ ଧୋଇବା, ୨ଗଜ ବ୍ୟବଧାନ ମାନିବା, ନାକ ଓ ପାଟିକୁ ଘୋଡାଇ ମାସ୍କ ପିନ୍ଧିବା, ନିଜର ପାଳି ଆସିଲେ ଟିକା ନେବାକୁ ଭୁଲିବା ନାହିଁ, କରୋନାର ଲକ୍ଷଣ ଦେଖାଗଲେ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଲକ୍‌ଡାଉନ ଓ ଶଟ୍‌ଡାଉନକୁ ମାନି ଚଳିବା ଆଦି ବାର୍ତ୍ତା ପ୍ରଦାନ କରାଯାଉଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜିଲା ସଂସ୍କୃତି ଓ ସୂଚନା ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ ।




ସଚେତନତା ରଥ।

# ଜଙ୍ଗଲଜାତ ଦ୍ରବ୍ୟ ଜଙ୍ଗଲରେ ନଷ୍ଟ ହେଉଛି

ଦୀପକ ମିଶ୍ର
କେନ୍ଦୁଝର, ୭।୬

କେନ୍ଦୁଝର ଜିଲାରେ କରୋନା ମହାମାରୀ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି। ଜଙ୍ଗଲଜାତ ଫଳ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉଥିବା ଆଦିବାସୀଙ୍କ ଉପରେ ଏହା ସିଧାସଳଖ ପ୍ରଭାବ ପକାଇଛି। ସରକାରଙ୍କ ତରଫରୁ ଏହି ଆଦିବାସୀଙ୍କ ପାଇଁ ସେଭଳି କୌଣସି ସହାୟତା କରାଯାଇନି। ଯେଉଁ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ବିକି ବର୍ଷତମାମ ପାଇଁ ଦି ପଇସା ହାତକୁ ଆସିଥାଏ ଏବେ ତାହା ଠପ୍ ହୋଇଯିବାରୁ ସେମାନେ ବହୁ ହଇରାଣ ହେଉଛନ୍ତି।

ଜିଲାର ଘଞ୍ଚ ଜଙ୍ଗଲ ଏବଂ ଗ୍ରାମାଞ୍ଚଳରେ ଥିବା ଗ୍ରାମ୍ୟ ଜଙ୍ଗଲ ଗୁଡ଼ିକରେ ଥିବା ବିଭିନ୍ନ ଫଳ ବିକ୍ରି କରି ବର୍ଷତମାମ ଚଳିଥାନ୍ତି। ଜିଲାର ବାଂଶପାଳ,ତେଲକୋଇ,ଝୁମ୍ପୁରା ଓ ହରିଚନ୍ଦନପୁର ଆଦି ବ୍ଲକ ଅଞ୍ଚଳରେ ଆମ୍ବ, ପଣସ, ଡିମିରି, କେନ୍ଦୁ, ଚାରକୋଳି,



ମହିଳାମାନେ ରାସ୍ତାକଡ଼ରେ ଜଙ୍ଗଲଜାତ ଦ୍ରବ୍ୟର ପସରା ମେଲାଇଛନ୍ତି।

କାଳିକେନ୍ଦୁ, କଇଥ, ଯଉଠ, ଜାମୁ ଆଦି ଫଳ ଗଛ ଥିବାବେଳେ ଖରାଦିନେ ଏହି ଫଳ ଗୁଡ଼ିକ ପାଚିଥାଏ। ଆଗ୍ରହର ସହିତ ଜନସାଧାରଣ ଏହି ସିଜିନାଲ୍ ଫଳ କିଣିବା ପାଇଁ ଆଗ୍ରହୀ ହେଉଥିବାବେଳେ ଆଦିବାସୀ ପରିବାରବର୍ଗଙ୍କ ପେଟ ପୋଷିବା ପାଇଁ ସହଜସାଧ୍ୟ ହୋଇ ଉଠିଥାଏ। ହେଲେ ବେପରୁଆ ଜଙ୍ଗଲ ଧ୍ୱଂସ ଯୋଗୁଁ ପୂର୍ବରୁ ଫଳଗଛ ଧ୍ୱଂସ ପାଇବାରେ ଲାଗିଥିଲେ ସୁଦ୍ଧା ଏଭଳି ମୂଲ୍ୟବାନ ଫଳଗଛ ରକ୍ଷା କରିବା ଦିଗରେ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେଉ ନାହିଁ। ଏବେ କିନ୍ତୁ ବସ୍ ପରିବହନ ବନ୍ଦ ଥିବାରୁ ବାହାର ଜାଗାକୁ ଫଳଗୁଡ଼ିକ ଯାଇପାରୁ ନାହିଁ। ଗରିବ ହୋଇଥିବାରୁ ସେମାନଙ୍କ ପକ୍ଷେ ଚଳିବା କଷ୍ଟକର ହୋଇପଡ଼ିଛି। କ୍ଷତିଗ୍ରସ୍ତ ଆଦିବାସୀ ପରିବାରଙ୍କୁ ଚିହ୍ନଟ କରି ସହାୟତାର ରାଶି ପ୍ରଦାନ କରିବାକୁ ସ୍ଥାନୀୟବାସୀ ନିବେଦନ କରିଛନ୍ତି।

# ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ ଦାବି

ଭଦ୍ରକ ଅଫିସ, ୭।୬

ଆସନ୍ତା ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି ବର୍ଗଙ୍କୁ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ଚୟନ ଲାଗି ଦାବି ହୋଇଛି। ସୋମବାର ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତର ଲୋକେ ଏ ନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୦୨ରେ ଏହି ପଞ୍ଚାୟତକୁ ସରକାରୀ ନିର୍ଦ୍ଦେଶ ମୁତାବକ ୨ଟି ପାଞ୍ଚାୟତରେ ଗଠନ କରାଯାଇଥିଲା। ଏହାମଧ୍ୟରେ ୪ଥର ପଞ୍ଚାୟତ ନିର୍ବାଚନ ହୋଇସାରିଥିଲେ ମଧ ଏହି ବର୍ଗଙ୍କୁ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ସାମିଲ କରାଯାଇ ନାହିଁ। ପଞ୍ଚାୟତରେ ୪୦ ପ୍ରତିଶତରୁ ଅଧିକ ଏହି ବର୍ଗର ଭୋଟର ଥିବାବେଳେ ଭୋଟର ସଂଖ୍ୟା କମ୍ ଦେଖାଇ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ କରାଯାଇଛି। ୨୦୨୨ ପଞ୍ଚାୟତ ନିର୍ବାଚନରେ ସୁଯୋଗ ଦିଆ ନ ଗଲେ ପରବର୍ତ୍ତୀ ସମୟରେ ଆଇନର ଆଶ୍ରୟ ନେବା ସହ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ସେମାନେ କହିଛନ୍ତି।

# ନୀଳଗିରି କଲେଜରେ ପରିସଂସ୍ଥା ସୁରକ୍ଷା ୱେବିନାର

ରୂପ୍‌ସା, ୭।୬(ଡି.ଏନ.ଏ.)

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବାଲେଶ୍ୱର ସଦର ବ୍ଲକ ରୂପ୍‌ସାସ୍ଥିତ ନୀଳମଣି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଜାତୀୟ ସବୁଜ ବାହିନୀର ମିଳିତ ସହଯୋଗରେ ପରିସଂସ୍ଥାର ପୁନରୁଦ୍ଧାର ଶୀର୍ଷକ ଆଲୋଚନାଚକ୍ର ୱେବିନାର ମାଧ୍ୟମରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ପାଣି ଅଧକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ବିଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଇଂ. ରଞ୍ଜନ କୁମାର ବେହେରା, ମୁଖ୍ୟବକ୍ତା ଭାବେ କୁଆମରାସ୍ଥିତ ସାରସ୍ୱତ କଲେଜ ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ଓ ବାଲେଶ୍ୱର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ପ୍ରକୃତିବନ୍ଧୁ ଚୈତନ୍ୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଯଥା ଜଳ, ମୃତ୍ତିକା, ବିଦ୍ୟୁତ୍‌ଶକ୍ତି ସଂରକ୍ଷଣ, ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ ଓ ସର୍ବୋପରି ବୃକ୍ଷରୋପଣ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ବଉଳ ଚାରାରୋପଣ କରାଯାଇଥିଲା। ମନୋରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ପରିଡ଼ା, ଗଙ୍ଗାରାଣୀ ଜେନା, ମଧୁସ୍ମିତା ଦାଶ, ରାଇମତ ହାଁସଦା, ନମିତା ବେହେରା, କବିତା ଭଞ୍ଜ, ବର୍ଷାରାଣୀ ପଣ୍ଡିତ, ଗାୟତ୍ରୀ ଦାସ ଓ ଯାଜ୍ଞସେନୀ ମହାନ୍ତି ପ୍ରମୁଖ ୱେବିନାରରେ ଯୋଗଦେଇଥିଲେ। ଅଧ୍ୟାପିକା ପଦ୍ମିନୀ ନାୟକ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ଦିନରେ ଟିକା ନେଲେ ୨୧୦୬



ଜଣେ ମହିଳା ଟିକା ନେଉଛନ୍ତି।

ବାରିପଦା ଅଫିସ,୭।୬

ମୟୂରଭଞ୍ଜ ଜିଲା ବାରିପଦା ମ୍ୟୁନସିପାଲିଟି ଅଞ୍ଚଳରେ ୧୮ରୁ ୪୪ବର୍ଷ ବ୍ୟକ୍ତିଙ୍କୁ ଟିକାକରଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ୧୧ଟି କେନ୍ଦ୍ରରେ ୨୧୦୬ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି । ଜିଲାପାଳ ବିନୀତ ଭରଦ୍ୱାଜ, ଉପଜିଲାପାଳ ପି.ଅନ୍ୱେଷା ରେଡ୍ଡି, ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ବିଭିନ୍ନ କେନ୍ଦ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପିଆର୍‌ଏମ୍ ମେଡିକାଲ କେନ୍ଦ୍ରରେ ୧୮୪, ଦେବେନ୍ଦ୍ରପୁର କେନ୍ଦ୍ରରେ ୧୮୮, ଶରତଚନ୍ଦ୍ର ବିଦ୍ୟାପୀଠରେ ୧୯୬, ଏମ୍‌କେସି ହାଇସ୍କୁଲରେ ୧୯୩, ଭଞ୍ଜପୁରରେ ୧୯୧, ବେଲଗଡ଼ିଆରେ ୧୯୭, ମଧୁବନରେ ୧୯୩, ଶ୍ରୀପଦଗଞ୍ଜରେ ୧୮୫, ସୁନାମୁହିଁରେ୧୯୫, ପୂର୍ଣ୍ଣଚନ୍ଦ୍ରପୁରରେ ୧୯୪ ଓ କମଳା ନେହେରୁ କେନ୍ଦ୍ରରେ ୧୯୦ଜଣଙ୍କୁ ଟିକା ପ୍ରଦାନ କରାଯାଇଛି ।

# ବିସ୍ଫୋରକ ଦ୍ରବ୍ୟ ବିକ୍ରି ନେଇ ଗଣ୍ଡଗୋଳ: ୪ ଅଟକ

ସୋର, ୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଜାତୀୟ ରାଜପଥ ବିଦୁ ନିକଟରେ ବିସ୍ଫୋରକ ଦ୍ରବ୍ୟ ବିକ୍ରି ନେଇ ଡିଲ୍ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୪ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସେମାନଙ୍କ ନିକଟରୁ ଏକ ବାକ୍ସ ଭିତରେ ବିସ୍ଫୋରକ ଦ୍ରବ୍ୟ, ୨ଟି ବାଇକ୍ ଜବତ ହୋଇଛି। ଏହି ଦ୍ରବ୍ୟ ବୋମା ତିଆରିରେ ବ୍ୟବହାର ହୁଏ ବୋଲି ସୂଚନା ମିଳିଛି।

ତୁଡ଼ିଗଡ଼ିଆ ଅଞ୍ଚଳରୁ ୨ଜଣ ଯୁବକ ଏକ ବାଇକ୍‌ରେ ଆସିଥିବା ବେଳେ ସିମୁଳିଆ ଅଞ୍ଚଳରୁ ଅନ୍ୟ ୨ଜଣ ଏକ ବାଇକ୍‌ରେ ପହଞ୍ଚି ବିସ୍ଫୋରକ ଦ୍ରବ୍ୟ ବିକ୍ରି ନେଇ ଡିଲ୍ କରିଥିଲେ। ଦରଦାମ୍‌କୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇ ଗଣ୍ଡଗୋଳ ରୂପ ନେଇଥିଲା।

# ଦିନକରେ ୧୧୫ ଜଣଙ୍କୁ ପଲିଥିନ

## ୧୦ଦିନରେ ୯୦

ଖଇରା, ୭।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଗଣ୍ଡିବେଡ ରାଜସ୍ୱ କ୍ଷେତ୍ରରେ ବାତ୍ୟା ୟାସ୍‌ରେ କ୍ଷତିଗ୍ରସ୍ତମାନଙ୍କୁ ପଲିଥିନ ତଥା କ୍ଷତିପୂରଣ ଅର୍ଥ ପ୍ରଦାନ କରା ନ ଯିବା ପ୍ରତିବାଦରେ ଅଧିକାରୀମାନଙ୍କୁ ତାଲା ବନ୍ଦ କରି ରଖାଯିବା ଘଟଣାର ଦିନେ ନ ପୂରୁଣୁ ଗୋଟିଏ ଦିନରେ ୧୧୫ ବିପନ୍ନଙ୍କୁ ପଲିଥିନ ବଣ୍ଟନ କରାଯିବା ଆଲୋଚ୍ୟର ବିଷୟ ହୋଇଛି। ବାତ୍ୟାର ୧୦ଦିନ ମଧ୍ୟରେ ମାତ୍ର ୯୦ଜଣଙ୍କୁ ପଲିଥିନ ବଣ୍ଟାଯାଇଥିବା ବେଳେ ଗୋଟିଏ ଦିନରେ ୧୧୫ଜଣ ବିପନ୍ନଙ୍କୁ ପଲିଥିନ ମିଳିପାରିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାରୀମାନେ ତଦନ୍ତରେ ଅବହେଳା କରିଥିବା ଲୋକେ ଅଭିଯୋଗ କରିଛନ୍ତି। ଶନିବାର ଏହି ପଲିଥିନ ବଣ୍ଟନ କାର୍ଯ୍ୟ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଗଣ୍ଡିବେଡ ରାଜସ୍ୱ ନିରୀକ୍ଷକ ମିନାରାଣୀ ଶିଅଳ, ଖଇରା ରାଜସ୍ୱ ନିରୀକ୍ଷକ କାଳିଚରଣ ମାଝୀ, ଡୁଙ୍ଗୁରା ନିରୀକ୍ଷକ ବସନ୍ତ ପାତ୍ର, ସୁପରଭାଇଜର ଶ୍ୟାମସୁନ୍ଦର ମାରାଣ୍ଡିଙ୍କ ସମେତ ପୁରା ତହସିଲ କର୍ମଚାରୀ ସାମିଲ ଥିଲେ। ଗଣ୍ଡିବେଡ ରାଜସ୍ୱ କ୍ଷେତ୍ରର ଶ୍ୟାମସୁନ୍ଦରପୁର, ପାର୍ବତୀପୁର, ଝାଟିଆ, କଣ୍ଟାବଣିଆ, ରାମଚନ୍ଦ୍ରପୁର, ଦାନ୍ତିଆ, ପାଣିସାଉଁଳି, ନରମା, ସରସତିଆ, ଜୟପୁର ଗୁହାଳଗଡିଆ, ଗଳଗାଁ ଆଦି ଗ୍ରାମର ଭୂମିହୀନଙ୍କୁ ଏହି ପଲିଥିନ ବଣ୍ଟନ କରାଯାଇଛି।



ଗଣ୍ଡିବେଡ ରାଜସ୍ୱ କ୍ଷେତ୍ରରେ ବନ୍ୟାବିପନ୍ନଙ୍କୁ ପଲିଥିନ ବଣ୍ଟନ କରାଯାଉଛି।

# 'ବିଜୟଶ୍ରୀ ଥିଲେ ବାସୁଦେବପୁରର ଗର୍ବ, ଗୌରବ'

ବାସୁଦେବପୁର, ୭।୬(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ, ବିଧାୟକ, ଦିବଂଗତ ନେତା ବିଜୟଶ୍ରୀ ରାଉତରାୟଙ୍କ ସ୍ମୃତିସଭା ସୋମବାର ପୂର୍ବାହ୍ନରେ ନୀଳମଣି ଟାଉନ ହଲ୍ ପରିସରରେ ବିଜୟଶ୍ରୀ ରାଉତରାୟ ସ୍ମୃତି କମିଟିର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଜୟଶ୍ରୀ ବାସୁଦେବପୁରର ଗର୍ବ ଓ ଗୌରବ ଥିଲେ। ସେ ଜଣେ ଶାନ୍ତ ଓ ସ୍ଥିତପ୍ରଜ୍ଞ ରାଜନେତା ଭାବେ ସମଗ୍ର ରାଜ୍ୟରେ ଯେଉଁ ଛାପ ଛାଡ଼ି ଯାଇଛନ୍ତି ଆଜିର ଯୁବନେତାମାନେ ନିଜ କ୍ଷେତ୍ରରେ କାର୍ଯ୍ୟରେ ଲଗାଇଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ ହେବନ୍‌ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲ୍ଲିକ, ବିଧାୟକ ପ୍ରତିନିଧି ଅସିତ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ତିହିଡ଼ି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ଭଦ୍ରକର ପୂର୍ବତନ ବ୍ଲକ ଅଧକ୍ଷ ମଳୟ ଜେନା, ସରପଞ୍ଚ ଦୀନବନ୍ଧୁ ଦାସ, ପୂର୍ବତନ କାଉନସିଲର ମାନସ ସାହୁ, ବ୍ଲକ ଉପାଧକ୍ଷ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ।




ସ୍ମୃତିସଭାରେ ଉପସ୍ଥିତ ଅତିଥି।

# ରିଲିଫ ପାଇଁ ଧାରଣା ଦେଲେ ଗ୍ରାମବାସୀ

ରସାଳପୁର, ୭।୬(ଡି.ଏନ.ଏ.)

'ୟାସ୍' ବାତ୍ୟାରେ ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ବହୁ ପଞ୍ଚାୟତ ପ୍ରଭାବିତ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନ, ସଦର ତହସିଲଦାର ଏବଂ କୃଷି ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଦିଆଯାଇଥିଲେ ହେଁ ଏପର୍ଯ୍ୟନ୍ତ ସରକାରୀ ସହାୟତା ମିଳିନାହିଁ। ସଦର ବ୍ଲକ ଗୋପିନାଥପୁର ପଞ୍ଚାୟତର କାଠପାଳ ଗ୍ରାମର ଲୋକେ ଏଥିରୁ ବଞ୍ଚିତ ରହିଛନ୍ତି। ଏହାର ପ୍ରତିବାଦ କରି ସୋମବାର ଗ୍ରାମର ଶତାଧିକ ମହିଳା, ପୁରୁଷ ସହାୟତା ପାଇଁ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ତେବେ ବିଡିଓ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଲୋକେ ଭୋକ ଉପାସରେ ବସିଥିଲେ। ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବାରୁ ବ୍ଲକର ଉପବିଭାଗ ଅଧିକାରୀ ବସନ୍ତ କୁମାର ମହାପାତ୍ର ତାଙ୍କ ସହିତ ଆଲୋଚନା କରିଥିଲେ ହେଁ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଚେୟାରମ୍ୟାନ୍ ନାରାୟଣ ଚନ୍ଦ୍ର ପ୍ରଧାନ ସେଠାରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ୨ଦିନ ମଧ୍ୟରେ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠି ଯାଇଥିଲେ। ଆଗାମୀ ଦିନରେ ସରକାରୀ ସହାୟତା ଦିଆ ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।



ବ୍ଲକ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

